To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଉତ୍ତରକୋରିଆ ଆକାଶରେ ଆମେରିକାର ୟୁଏସ୍ ବୋମ୍ବର୍ସ ।

R.N.I. No.-42041/83 Vol-15, Issue No.104, ଭଦ୍ରକ, ଗୁରୁବାର, ୧୨, ଅକ୍ଟୋବର ୨୦୧୭ ■ Bhadrak, Thursday, 12 October 2017 Rs. 2.00 Pages-8

## ଜେଲ୍ ଗଲେ ପୂର୍ବତନ ବିଧାୟକ ସଞ୍ଜୀବ ପ୍ରଧାନ

ଭୁବନେଶ୍ୱର, ୧୧।୧୦ (ସକାଳ ଖବର): ଅର୍ଥ ଆତ୍ମସାତ୍ କରିବା ମାମଲାରେ ଗିରଫ ହୋଇଥିବା ଦେବଗଡର ପୂର୍ବତନ ବିଧାୟକ ସଂଜୀବ କୁମାର ପ୍ରଧାନ ବୁଧବାର ଦିନ ଜେଲ ଯାଇଛନ୍ତି । ଜାମିନ୍ ଆବେଦନ ଖାରଜ ହେବା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି । ବୁଧବାର ତାଙ୍କୁ ସମ୍ବଲପୁର ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା । ସୂଚନାଯୋଗ୍ୟ ଯେ ରେଙ୍ଗାଲୀ ପ୍ରକଳ୍ପ ବିସ୍ଥାପିତଙ୍କ ଠାରୁ ୨୭ ଲକ୍ଷରୁ ଊର୍ଦ୍ଧ ଟଙ୍କା ହଡପ୍ କରିବା ଅଭିଯୋଗରେ ଗତକାଲି କ୍ରାଇମବ୍ରାଂଚର ଇଓଡବ୍ଲୁ ସଂଜୀବଙ୍କୁ ଗିରଫ କରିଥିଲା । ତାଙ୍କ ବିରୁଦ୍ଧରେ ଦଫା ୪୨୦, ୪୦୬,୪୬୫, ୪୬୭, ୪୬୮, ୪୭୧ ଏବଂ ୧୨୦ (ବି) ରେ ମାମଲା ରୁଜୁ ହୋଇଥିଲା । ଏଥିପୂର୍ବରୁ ରେଙ୍ଗାଲୀ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ ସୁବାଷ ଚନ୍ଦ୍ର ସାହୁଙ୍କୁ ମଧ୍ୟ ଗତ ୨୦୧୫ ଜୁନ୍ ୨୨ ତାରିଖରେ ଗିରଫ କରାଯାଇଥିଲା ।

## ୩୦ ସୁଦ୍ଧା ମରୁଡି ଅଞ୍ଚଳ ସମ୍ପର୍କରେ ଘୋଷଣା

ଭୁବନେଶ୍ୱର ,୧୧ ଅକ୍ଟୋବର (ହି.ସ.)- ମରୁଡିଜନିତ ଅନୁଧ୍ୟାନ ରିପୋର୍ଟ ମିଳିବା ପରେ ଚଳିତ ମାସ ୩୦ ତାରିଖ ସୁଦ୍ଧା ମରୁଡି ଅଂଚଳ ସମ୍ପର୍କରେ ଘୋଷଣା କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ ପ୍ରକାଶ କରିଛନ୍ତି । ତେବେ ଜିଲ୍ଲାପାଳ ମାନଙ୍କୁ କ୍ଷୟକ୍ଷତିର ଆକଳନ ରିପୋର୍ଟ ୧୫ ତାରିଖ ସୁଦ୍ଧା ଦେବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦିଆସରିଛି । ସେମାନଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ସେ କହିଛନ୍ତି।

### ପୋଲାଭରମ ବିବାଦ

# ଓଡ଼ିଶା ସମେତ ୪ ରାଜ୍ୟକୁ ଏନଜିଟିର ନୋଟିସ୍

राष्ट्रीय हरित अधिकरण
NATIONAL GREEN TRIBUNAL

ଭୁବନେଶ୍ୱର ୧୧।୧୦ (ସକାଳ ଖବର): ପୋଲାଭରମ ପ୍ରକଳ୍ପ ପୁଣି ଥରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ପହଞ୍ଚିଛି । ଏହି ପ୍ରକଳ୍ପକୁ ନେଇ ଓଡ଼ିଶା ସମେତ ଛତିଶଗଡ଼, ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନା ରାଜ୍ୟକୁ ଏନଜିଟି ନୋଟିସ୍ ଦେଇଛନ୍ତି । ପୋଲାଭରମ ପ୍ରକଳ୍ପକୁ ନେଇ ତେଲେଙ୍ଗାନାର ଏକ ସ୍ୱେଚ୍ଛାସେବୀ ସଂଗଠନ ରେଲା' ଏନଜିଟିରେ ଆବେଦନ କରିଥିଲା । ଏହି ମାମଲାର ଶୁଣାଣି ହେବ କି ନାହିଁ ପକ୍ଷ ରଖିବାକୁ ଏହି ୪ଟି ରାଜ୍ୟକୁ ୨ ସପ୍ତାହ ପାଇଁ ମହଲତ ଦେଇଛନ୍ତି ଏନଜିଟି । ପ୍ରକାଶ, ପୋଲାଭରମ୍ ପ୍ରକଳ୍ପକୁ ନେଇ ଆନ୍ଦୋଳନ ଚାଲୁ ରହିଥିବାବେଳେ, ନିର୍ଦ୍ଦେଶକୁ ୨୦୧୫ ମସିହାରେ ବର୍ଷକ ଲାଗି ସ୍ଥଗିତ ରଖିବା ଲାଗି ସର୍ତ୍ତ ଭିତ୍ତିରେ ଅନୁମତି ଦେଇଥିଲା । ଓଡ଼ିଶା ଓ ଛତିଶଗଡ଼ ସହ ବିବାଦର ସମାଧାନ ନହେବା ପର୍ଯ୍ୟନ୍ତ

### ପକ୍ଷ ରଖିବାକୁ ୨ ସପ୍ତାହର ମହଲତ

ଗତକାଲି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ଚିଠି ଲେଖି ତୁରନ୍ତ କାମ ବନ୍ଦ କରିବାକୁ ଦାବି ଜଣାଇଛନ୍ତି । ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କ୍ରମେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଗୋଦାବରୀ ।ଟର ଡିସପ୍ୟୁଟ୍ ଟ୍ରିବୁନାଲ (ଜିଡବ୍ଲ୍ୟୁଡିଟି) କାମ ବନ୍ଦ ଆନ୍ଧ୍ରପ୍ରଦେଶ ଜଳଭଣ୍ଡାରକୁ ନିଜ ନିୟନ୍ତ୍ରଣକୁ ନେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲା । ସେହିପରି ପୋଲାଭରମ୍ ପ୍ରକଳ୍ପ ମନ୍ତ୍ରାଳୟଠାରୁ ପରବର୍ତ୍ତୀ ଅନୁମତି ନିଆଯାଇ ନଥିଲେ ବି ପ୍ରକଳ୍ପ କାମକୁ ଦ୍ରୁତ ଗତିରେ କରାଯାଉଥିବା ନବୀନ ଚିଠିରେ ଦର୍ଶାଇଛନ୍ତି । ତେବେ ଏହି କାମକୁ ଯଥାଶୀଘ୍ର ବନ୍ଦ କରିବାକୁ ନବୀନ ନାଇଡୁଙ୍କ ପାଖକୁ ଲେଖିଥିବା ଚିଠିରେ ଦର୍ଶେଇଛନ୍ତି ।

## ପତ୍ନୀ ନାବାଳିକା ଥିଲେ ଶାରୀରିକ ସମ୍ପର୍କ ଅପରାଧ

ନୂଆଦିଲ୍ଲୀ,୧୧।୧୦: ୧୮ ବର୍ଷରୁ କମ୍ ବୟସର ପତ୍ନୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏକ ଅପରାଧ। ଏହା ଦୁଷ୍କର୍ମ ବୋଲି ବିବେଚନା କରାଯିବ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଦର୍ଶାଇଛନ୍ତି। ନାବାଳିକା ପତ୍ନୀ ଜଣକ ପୋଲିସ ନିକଟରେ ଅଭିଯୋଗ କରିପାରିବେ ବୋଲି କୋର୍ଟ କହିଛନ୍ତି। ଏହା ଦେଶର ୨.୩ କୋଟି ନାବାଳିକା ପତ୍ନୀଙ୍କ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା କୋର୍ଟଙ୍କ ଏହି ରାୟ ଆସିବା ପୂର୍ବରୁ ଇଣ୍ଡିଆନ୍ ପେନାଲ କୋର୍ଡର ଧାରା ୩୭୫ରେ ବଳାତ୍କାର ଆଇନରେ ଏକ ବିଶେଷ ବ୍ୟବସ୍ଥା ଥିଲା। ଏହି ବ୍ୟବସ୍ଥା ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କର ନାବାଳିକା ପତ୍ନୀଙ୍କ ସହ ଶାରୀରିକ ସମ୍ପର୍କ ରକ୍ଷା କଲେ ମଧ୍ୟ ଅପରାଧୀ ଶ୍ରେଣୀଭୁକ୍ତ ହେଉ ନଥିଲେ। ତେବେ ଏଭଳି ବିଶେଷ ବ୍ୟବସ୍ଥା ସମ୍ବିଧାନର ଅବମାନନା କରିବା ସହିତ ନାବାଳିକା ପତ୍ନୀମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଧାରା ୩୭୫ରେ ଥିବା ଉକ୍ତ ବ୍ୟବସ୍ଥା ନ୍ୟାୟୋଚିତ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। ସରକାର ଯୁକ୍ତି ଦର୍ଶାଇ ଥିଲେ ଯେ, ଏବେ ବି ଦେଶରେ ବାଲ୍ୟ ବିବାହ ଚାଲିଛି। ଏହା ଦେଶର ବାସ୍ତବ ସ୍ଥିତି। ଏଭଳି ବିବାହଗୁଡିକୁ ସୁରକ୍ଷା ଦେବାକୁ ପଡିବ। କିନ୍ତୁ କୋର୍ଟ ଏସବୁ ଯୁକ୍ତିକୁ ଖାରଜ କରି ଦେଇଛନ୍ତି। ଜଷ୍ଟିସ୍ ମଦନ ବି ଲୋକୁରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ବେଞ୍ଚ ସେପ୍ଟେମ୍ବର ୬ ତାରିଖରେ କହିଥିଲେ ଯେ, ଯେତେବେଳେ ଝିଅମାନଙ୍କ ପାଇଁ ବିବାହ କରିବାର ସର୍ବନିମ୍ନ ବୟସ ୧୮ ବର୍ଷ ରଖାଯାଇଛି ସେତେବେଳେ ସଂସଦ କିପରି ଏକ ବିଶେଷ ବ୍ୟବସ୍ଥା କରିପାରିବେ।

# ରାଜ୍ୟର ବିକାଶରେ ବିରୋଧୀ ବାଧା

- ଜାତୀୟ ଦଳକୁ ଦାୟୀ କଲେ ନବୀନ
- ଅନିଶ୍ଚିତତା ବାତାବରଣ ଦେଶ ପାଇଁ ଭଲ ନୁହେଁ
- ଓଡ଼ିଶାକୁ ୧ନଂ ରାଜ୍ୟ କରିବା ବିଜେଡିର ଲକ୍ଷ୍ୟ

ଭୁବନେଶ୍ୱର ,୧୧।୧୦ (ସକାଳ ଖବର): ବର୍ତ୍ତମାନ ସାରା ଦେଶରେ ବିଭିନ୍ନ କ୍ଷେତ୍ରରେ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି । ଏଥିପାଇଁ ଜାତୀୟ ଦଳ ଗୁଡିକ ମୁଖ୍ୟତଃ ଦାୟୀ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ବିଜେଡି ପକ୍ଷରୁ ଭୁବନେଶ୍ୱର ୟୁନିଟ୍ ୬ ସ୍ଥିତ ରାଧାକୃଷ୍ଣ ବସ୍ତି ଠାରେ ଆୟୋଜିତ ଜନ ସମ୍ପର୍କ ପଦଯାତ୍ରାରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରିଥିଲେ । ସେ କହିଥିଲେ ଯେ ଅନିଶ୍ଚିତତା ବାତାବରଣ ଦେଶ ପାଇଁ ଆଦୌ ଭଲ ନୁହେଁ । ଜୟ ପ୍ରକାଶ ନାରାୟଣ ଯେଉଁ ମୂଲ୍ୟବୋଧ ପାଇଁ ଲଢୁଥିଲେ ସେ ଦିଗରେ ପ୍ରତ୍ୟେକ ବ୍ୟକ୍ତି ଲଢିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଅନ୍ୟପକ୍ଷରେ ବିରୋଧୀ ଦଳକୁ କଟୁ ସମାଲୋଚନା କରି ସେ କହିଥିଲେ ଯେ ସେମାନେ ରାଜ୍ୟର ବିକାଶରେ ବାଧା ସୃଷ୍ଟି କରିବାରେ କେତେକାଂଶ ଦାୟୀ । ସେହିପରି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରି କହିଥିଲେ ଯେ ସଂଘୀୟ ବ୍ୟବସ୍ଥାରେ ଓଡିଶାକୁ ଯେଉଁଭଳି ଭାବେ ବିଚାର କରିବା କଥା ତାହା କରୁ ନାହାନ୍ତି କହି ବିଭିନ୍ନ ଦୃଷ୍ଟାନ୍ତ ଦେଇଥିଲେ । କେନ୍ଦ୍ରୀୟ ଅନୁଦାନ ହ୍ରାସ କରିବା , ମହାନଦୀ , ପୋଲାଭାରମ ଆଦି ଜଳ ବିବାଦର ସମାଧାନ ନକରିବା ଆଦି ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ସମାଲୋଚନା କରିଥିଲେ । ଓଡିଶାକୁ ଏକ ନମ୍ବର ରାଜ୍ୟ କରିବା ବିଜେଡିର ଲକ୍ଷ୍ୟ । ଦଳିତ , ଆଦିବାସୀ, ଗରୀବ , ଚାଷୀ , ଶ୍ରମିକ ମାନଙ୍କର ସାମଗ୍ରିକ ବିକାଶ ପାଇଁ ତାଙ୍କ ସରକାର ସଂକଳ୍ପବଦ୍ଧ । ଏହି ବିକାଶ ରଥକୁ ଆଗେଇ ନେବାରେ ଯେଉଁମାନେ ବାଧା ସୃଷ୍ଟି କରୁଛନ୍ତି ସେମାନଙ୍କୁ ଉପଯୁକ୍ତ ମୁକାବିଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ । ଏହି ରାଜ୍ୟସ୍ତରୀୟ ଜନସଂପର୍କ ପଦଯାତ୍ରା ଅବସରରେ ବିଧାୟକ ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦଳର ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସାଂସଦ ପ୍ରସନ୍ନ ପାଟଶାଣୀ, ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା, ବିଜେଡି ଭୁବନେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ବାବୁ ସିଂହ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର କେ. ଶାନ୍ତି, ଜିଲ୍ଲା ବିଜେଡି ସଭାପତି ବାବୁଲି ମିଶ୍ର, ଯୁବ **(ପୃଷ୍ଠା-୭)**

#### ଜୀରା ନଦୀ ପୋଲ ଭୁଶୁଡିବା ଘଟଣା

## ଠିକା ସଂସ୍ଥା ବିରୋଧରେ ଏତଲା

ଭୁବନେଶ୍ୱର ,୧୧।୧୦ (ସକାଳ ଖବର): ବରଗଡ ଜିଲ୍ଲା ଜୀରା ନଦୀ ଉପରେ ନିର୍ମାଣଧୀନ ପୋଲ ଭୁଷୁଡିବା ଘଟଣାରେ ଠିକାଦାର ସଂସ୍ଥା ସୂରଜ ଏଂଟରପ୍ରାଇଜେସ୍ ବିରୋଧରେ ମାମଲା ରୁଜୁ ହୋଇଛି । ପୂର୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ କଂଟାବାଂଝି ଥାନାରେ ଏନେଇ ଏତଲା ଦାୟର କରିଛନ୍ତି । ସମ୍ପୃକ୍ତ ସଂସ୍ଥା ନକଲି ଟିଡିଆର ଦାଖଲ କରିଥିବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଛି ।

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୨୪ ତାରିଖରେ ବିଜୁ ସେତୁ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜୀରାନଦୀ ଉପରେ ନିର୍ମାଣ ଚାଲିଥିବା ବ୍ରିଜ୍ ଭୁଷୁଡି ପଡିଥିଲା । ଏଥିରେ ୬ ଜଣ ଗୁରୁତର ଆହତ ହୋଇଥିଲେ ।

# କୋରାପୁଟରେ କ୍ରାଇମ୍ବ୍ରାଞ୍ଚ

### ନାବାଳିକା ଗଣଦୁଷ୍କର୍ମ ମାମଲା

କୋରାପୁଟ,୧୧।୧୦ (ସକାଳ ଖବର): କୋରାପୁଟ ଜିଲ୍ଲା ପଟାଙ୍ଗୀ ଥାନା ଅନ୍ତର୍ଗତ ସୋରିଷପଦର ବିଦ୍ୟାଳୟର ଜନୈକା ନବମ ଶ୍ରେଣୀ ଛାତ୍ରୀ ୪ଜଣ ଯବାନଙ୍କ ଦ୍ୱାରା ଗଣଦୁଷ୍କର୍ମର ଶୀକାର ହେବା ଘଟଣାର ପ୍ରତିବାଦରେ ଗ୍ରାମବାସୀ ଓ ପୀଡ଼ିତାଙ୍କ ପରିବାର ପକ୍ଷରୁ ୨୬ନଂ ଜାତୀୟ ରାଜପଥର କୁନ୍ଦୁଲି ଠାରେ ଚାଲିଥିବା ରାସ୍ତାରୋକ ଆଜି ଦ୍ୱିତୀୟ ଦିନରେ ପହଂଚିଛି । ରାତି ୮ଟା ଶେଷ ଖବର ସୁଦ୍ଧା ଆନ୍ଦୋଳନକାରୀଙ୍କ ପକ୍ଷରୁ ରାସ୍ତାରୋକ ଜାରୀ ରହିଛି । ଫଳରେ ୩୦ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି କୋରାପୁଟ-ବିଶାଖାପାଟଣା ରୁଟ୍ ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି । କୋରାପୁଟ ପୋଲିସର ଏକ ଟିମ୍ ମାମଲାର ତଦନ୍ତ କରୁଥିବା ବେଳେ କ୍ରାଇମବ୍ରାଂଚର ଏକ ୫ ଜଣିଆ ଟିମ୍ ଆଜି ରାତିରେ ସେଠାରେ ପହଂଚିଛନ୍ତି । ଆସନ୍ତା କାଲି ଠାରୁ ଏହି ଟିମ୍ ତାର ତଦନ୍ତ ପ୍ରକ୍ରିୟା ଆରମ୍ଭ କରିବ । ବ୍ରହ୍ମପୁରରୁ ଏକ ଫରେନସିକ୍ ଟିମ୍ ମଧ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବ ବୋଲି ଜଣାଯାଇଛି ।

### କୁନ୍ଦୁଲିରେ ରାସ୍ତାରୋକ

### ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ

ଗତକାଲି ମଧାହ୍ନରେ ୪ଜଣ ଯବାନଙ୍କ ଦ୍ୱାରା ନାବାଳିକା ଜଣକ ଗଣଦୁଷ୍କର୍ମର ଶୀକାର ହୋଇଥିବାର ଅଭିଯୋଗ ହୋଇଛି । ସେ ପାସପୋର୍ଟ ଫୋଟୋ ଉଠାଇବାକୁ କୁନ୍ଦୁଲି ହାଟପଦା ହାଟକୁ ଯାଇ ସେଠାରୁ ଫେରୁଥିବା ସମୟରେ ସୋରିଷପଦର ନିକଟରେ ଯବାନମାନେ ତାଙ୍କୁ ରାସ୍ତାରୁ ଜଙ୍ଗଲକୁ ଉଠାଇ ନେଇ ବଳପୂର୍ବକ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପଟାଙ୍ଗୀ ଥାନାରେ ଏ ସଂକ୍ରାନ୍ତରେ ୧୦୨/୨୦୧୭ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ ମାମଲାର ତଦନ୍ତ ଚଳାଇଛି । କୋରାପୁଟ **(ପୃଷ୍ଠା-୭)**

## ଶ୍ରୀମନ୍ଦିରରେ ରକ୍ତଛିଟା

ପୁରୀ, ୧୧।୧୦ (ସକାଳ ଖବର): ଆଜି ଶ୍ରୀମନ୍ଦିରର କଳାହାଟ ଦ୍ୱାର ନିକଟରେ ଜଣେ ପାଳିଆ ସେବାୟତଙ୍କ ଗୋଡ ଖସି ମୁଣ୍ଡ ଫାଟିଯିବାରୁ ଶ୍ରୀମନ୍ଦିର ଭିତରେ ରକ୍ତ ଛିଟା ପଡିଛି । ଫଳରେ ଶ୍ରୀଜୀଉଙ୍କ ନୀତିକାନ୍ତିରେ ବିଭ୍ରାଟ ହୋଇଛି । ମନ୍ଦିରରେ ରକ୍ତ ପଡିଥିବା ଯୋଗୁଁ ମନ୍ଦିର ଶୋଧି ସହ ମହାସ୍ନାନ କରାଯାଇଛି ।

# ବରିଷ୍ଠ କଂଗ୍ରେସ ନେତାମାନଙ୍କର ରୁଦ୍ଧଦ୍ୱାର ବୈଠକ

ଭୁବନେଶ୍ୱର, ୧୧।୧୦ (ସକାଳ ଖବର): ନବ ନିର୍ବାଚିତ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ମାନଙ୍କ ବୈଠକ ପରେ ବିରୋଧି ଦଳ ନେତା ନରସିଂହ ମିଶ୍ରଙ୍କ ବାସଭବନରେ ବରିଷ୍ଠ କଂଗ୍ରେସ ନେତା ମାନଙ୍କର ଏକ ରୁଦ୍ଧଦ୍ୱାର ବୈଠକ ଚାଲିଛି । ଏଥିରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଧାୟକ ଦଳର ଉପନେତା ଚିରଞ୍ଜିବ ବିଶ୍ୱାଳ, ବିଧାୟକ ଯୋଗେଶ ସିଂ, ଦଳର ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ଉପସ୍ଥିତ ଅଛନ୍ତି । ପିସିସି ସଭାପତି ପରିବର୍ତ୍ତନ ଦାବି ଉପରେ ବିଚାର କରାଯାଉନଥିବାରୁ ସେମାନଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି । ଖବର ସଂଗ୍ରହ ବେଳକୁ ଏହି ବୈଠକ ଅବ୍ୟାହତ ରହିଥିଲା ।



ନେବାର ଭଲ ଉପାୟ ହେଉଛି ଦେବା ।

ହୁଣ୍ଡିର ଆୟ (୧୧.୧୦.୧୭)
୧,୮୦,୪୬୨

# ଆର୍‌ଟିଆଇ ପରିସରଭୁକ୍ତ ହେଲା ଏସ୍ଆଇଟି

ନୂଆଦିଲ୍ଲୀ, ୧୧।୧୦ : ସୁପ୍ରିମକୋର୍ଟଙ୍କ ଆଦେଶ ପରେ କଳାଧନ ଉପରେ ଗଠିତ ବିଶେଷ ତଦନ୍ତକାରୀ ଦଳ ଏସଆଇଟିକୁ ସୂଚନା ଅଧିକାର କାନୁନ(ଆରଟିଆଇ)ର ପରିସରଭୁକ୍ତ ହୋଇଛି । କେନ୍ଦ୍ରୀୟ ସୂଚନା ଆୟୋଗ ଏନେଇ ବ୍ୟବସ୍ଥା କରିଛନ୍ତି । ସୂଚନା ଆୟୋଗ ବିମଲ ଜୁଲକା ଏସଆଇଟିକୁ ଆରଟିଆଇ ପରିସରଭୁକ୍ତ ହେବା ଉପରେ କହିଛନ୍ତି ଯେ ସରକାରଙ୍କ ପ୍ରତ୍ୟେକ ପଦକ୍ଷେପ ଜନତାଙ୍କ ମଙ୍ଗଳ ଏବଂ ଜନହିତରେ ହେବା ଉଚିତ୍ । ଏସଆଇଟିକୁ ଆରଟିଆଇ ଅଧୀନରେ ଆଣିବା ସମ୍ବନ୍ଧରେ ଯାଚିକାକର୍ତ୍ତା ଭେଙ୍କଟେଶ ନାୟକ ଅର୍ଥ ମନ୍ତ୍ରାଳୟରୁ ସୂଚନା ମାଗିଥିଲେ । ସେ ୭ଟି ପଏଣ୍ଟକୁ ନେଇ ସୂଚନା ମାଗିଥିଲେ, ଯେଉଁଥିରେ ଏଚ୍‌ଏସ୍‌ବିସି ବ୍ୟାଙ୍କର ଜେନେଭିଆ ଶାଖାର ପୂର୍ବତନ କର୍ମଚାରୀ ହର୍ଭେ ଫାଲିଷ୍ଟିନ ଦ୍ୱାରା ଏସଆଇଟି ଚେୟାରମ୍ୟାନଙ୍କୁ ପଠାଯାଇଥିବା ପତ୍ରର ପ୍ରତିଲିପିର ତଥ୍ୟ ସାମିଲ ରହିଛି । ଅର୍ଥ ମନ୍ତ୍ରାଳୟ ଏବଂ ଆୟକର ବିଭାଗ ଆଟଟିଆଇ ଆଧାରରେ ମଗାଯାଇଥିବା କିଛି ତଥ୍ୟ ଦେବାକୁ ମନା କରିଦେଇଥିଲେ । ମନ୍ତ୍ରଣାଳୟର କହିବା କଥା ଏହା କାହାର ବିଶ୍ୱାସର ମାମଲା ଅଟେ ଏବଂ ଏହାର ଯାଞ୍ଚ ଏବେ ବି ଜାରି ରହିଛି । ଏହାର କିଛି ସୂଚନା ଏସଆଇଟିର ସଦସ୍ୟ ସଚିବଙ୍କ ପାଖରେ ଉପଲବ୍ଧ ଥିବ । ଏହା ପରେ ନାୟକ ସୂଚନା ଆୟୋଗର ଦ୍ୱାରସ୍ଥ ହୋଇଥିଲେ ଏବଂ ଆୟୋଗ ନିକଟରେ ଏହି ସମ୍ବନ୍ଧରେ ଏସଆଇଟିକୁ ଆଦେଶ ଦେବାକୁ ନିବେଦନ କରିଥିଲେ । ସୁପ୍ରିମକୋର୍ଟଙ୍କ ଆଦେଶ ପରେ ଏକ ସରକାରୀ ଅଧିସୂଚନା ଜରିଆରେ ୨୦୧୪ରେ କଳାଧନ **(ପୃଷ୍ଠା-୭)**

## କନ୍ଧମାଳରେ ମୃଦୁ ଭୂକମ୍ପ

ଭୁବନେଶ୍ୱର ,୧୧।୧୦ (ସକାଳ ଖବର): କନ୍ଧମାଳରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୨ ରହିଛି । ଭୁବନେଶ୍ୱରସ୍ଥିତ ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲା ଉତର ଅକ୍ଷାଂଶ ୧୯.୮୦ ଓ ଦ୍ରାଘିମା ୮୪.୧୦ରେ ଏହି ଭୂକମ୍ପ ଅନୁଭୂତ ହୋଇଛି। ଦକ୍ଷିଣ ଓଡ଼ିଶାର ରାୟଗଡା ଠାରେ ଥିବା ସିସମୋଲୋଜିକାଲ ଅବଜରଭେଟରୀ କାର୍ଯ୍ୟାଳୟର ଉତରରେ ୧୦୦ କିଲୋମିଟର ଓ ଭୁବନେଶ୍ୱରରୁ ଦକ୍ଷିଣ ଦିଗରେ ୨୮୦ କିଲୋମିଟର ଦୂରରେ ଏହି ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି । ବୁଧବାର ଦିନ ପୂର୍ବାହ୍ନ ପ୍ରାୟ ୧୧ଟା ୩୩ ମିନିଟରେ କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡି ଅଂଚଳରେ ଏହି ଭୂକମ୍ପ ଅନୁଭୂତ ହୋଇଛି । ତେବେ ଏଥିରେ କ୍ଷୟକ୍ଷତିର କୌଣସି ସୂଚନା ମିଳିପାରିନାହିଁ ।

### ବିଜେପୁର ନିର୍ବାଚନ ଅନିୟମିତତା ମାମଲା

## ଆଜି ଶୁଣାଣି

ଭୁବନେଶ୍ୱର, ୧୧।୧୦ (ସକାଳ ଖବର): ୨୦୧୪ ବିଜେପୁର ନିର୍ବାଚନ ଅନିୟମିତତାକୁ ନେଇ ହାଇକୋର୍ଟରେ ବିଚାରଧୀନ ଥିବା ମାମଲାର ପରବର୍ତୀ ଶୁଣାଣି ଆସନ୍ତାକାଲି ହେବ । ବିଜେଡି ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଏହି ମାମଲା କରିଥିଲେ । ବିଜେପୁରର କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ପରଲୋକ ପରେ ଏହି ଆସନ ଖାଲି ପଡିରହିଛି । ତେବେ ମାମଲା ହାଇକୋର୍ଟରେ ବିଚାରଧୀନ ଥିବାରୁ ସାନି ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇପାରିବନାହିଁ । ତେଣୁ ଆସନ୍ତାକାଲି ହାଇକୋର୍ଟଙ୍କ ଶୁଣାଣି ଉପରେ ସବୁ ରାଜନୈତିକ ଦଳ ମାନଙ୍କର ନଜର ରହିଛି ।

## ଦୁର୍ଦ୍ଦାନ୍ତ ଅପରାଧୀ କେଶବ କୁଣ୍ଡୁ ଆହତ

ବ୍ରହ୍ମପୁର,୧୧।୧୦ (ସକାଳ ଖବର): ବ୍ରହ୍ମପୁର ଜିଲ୍ଲାରେ ପୋଲିସର ପୁଣି ଏନକାଉଣ୍ଟର । ପୋଲିସର ଏହି ଏନକାଉଣ୍ଟରରେ ଅପରାଧୀ କେଶବ କୁଣ୍ଡୁ ଓରଫ ଠେସା କାଳିଆ ଆହତ ହୋଇଛିଛ କେଶବକୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ବିଶେଷସୂତ୍ରରୁ ଖବର ପାଇଁ ବୈଦ୍ୟନାଥପୁର ପୋଲିସ ଆଜି ୧୬ ନମ୍ବର ଜାତୀୟ ରାଜପଥରେ କେଶବ କୁଣ୍ଡୁ ଓରଫ ଠେସା କାଳିଆକୁ ଧରିବା ପାଇଁ ତା ପିଛା କରିଥିଲା । ବ୍ରହ୍ମପୁର ଅଞ୍ଚଳ ଏନଏଚର ଓମ ସାଇ ହଷ୍ଟେଲ ନିକଟରେ ପୋଲିସ ଓ କେଶବ ମୁହାଁମୁହିଁ ହୋଇଥିଲେ । ଏତିକିବେଳେ କେଶବ ପୋଲିସକୁ ଗୁଳି କରି ଖସିଯିବାକୁ ଉଦ୍ୟମ କରୁଥିଲାବେଳେ ପୋଲିସର ପାଲଟା ଗୁଳିରେ ସେ ସେଠାରେ ପଡିଯାଇଥିଲା । କେଶବର ବାମ ଗୋଡ଼ରେ ଗୁଳି ବାଜିବାରୁ ସେ ଆହତ ହୋଇଛି ଛ ଏଥିସହ ଏହି ଏନକାଉଣ୍ଟରରେ ବୈଦ୍ୟନାଥପୁର ଥାନାର ସବ୍‌ଇନ୍ସପେକ୍ଟର ଦୀପ୍ତି ପ୍ରଧାନ ଆହତ ହୋଇଛନ୍ତି । ପୋଲିସ କେଶବକୁ ଆହତ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛି । କେଶବଠାରୁ ଗୋଟିଏ ମାଉଜର ଓ ୩ଟି ଗୁଳି ଜବତ ପୋଲିସ ଜବତ କରିଛି । **(ପୃଷ୍ଠା-୭)**

# AæÀÿFÓ¨ 'ÿæÀÿæ AæSæþê ÓÞÿLÿ†ÿæ Ó{`ÿ†ÿçæÿ†ÿæ Ó©æÜÿ ¨æÀÿçæÿ D¨àÿ{ä ¯ÿ¯ÿ™ ¨†ÿ{¾æS†ÿæ Aæ{ßæ f†ÿ

## sLÿ ¨d{Àÿ ¨sàÿæ ¯ÿÓ : f{~ þ†ÿ, 15 Aæÿ†ÿ

## BÀÿþ ÉÜÿê 'ÿZÿ Ó½æçÿ ¨æB xÿæLÿs{Lÿs fæÀÿê LÿÀÿ ÿæLÿ þ{çÿæf ÓÜÿæZÿ ¨†ÿ {àÿQ{àÿ ™{þ¢

## É~àÿæçÿ ¨ÉæÓçÿ:Sæþ ¯ÿæÓê Lÿ{àÿ ÀÿæÖæ

## ×æçÿëß ÓþÖ¿æLÿ {çÿB ¯ÿ{ f ¨Àÿ Aæ{¢ÿæÀÿçÿ xÿæLÿÀÿæ

## ÓæD$ ÿàÿf {Àÿ àÿäê ¨ fæ µÿÓæ~ê : Aæ j àÿxÿ 15 Üÿ fæÀÿ sZæ{Àÿ çÿàÿþ

## AæÜÿæ{ ¨ÀÿAæB FÀÿ ÓBÓÿ ÓæÜÿæ¨ ¨†ÿ LÿÀÿ ¨Oæ ¯ÿæÀÿ†ÿ

## þ'ÿ ¨æB sZÿæ çÿ{'ÿ ¯ÿæÀÿ ÚêLÿ Üÿ†ÿ¿æ Lÿàÿæ Óæþê

## µÿÿäþ Lÿþ{ÀÿÉZÿ çÿ†ÿ¿{Àÿ 'ÿÉLÿ Ióþ{àÿ

## çÿ¾Nÿ 'ÿæ ¯ÿ{Àÿ Üÿèÿæ ¨Àÿ ¯ÿÜÿçÿ ÀÿæÓæ A¯ÿ{Àÿæ™

## ¯ÿ{ f ¨ H Lÿó{SÓ 'ÿÀÿ dæÝ É†ÿæ™Lÿ Lÿþê ¯ÿ{ fÝÀÿ Óæþàÿ

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**

Óó¨æ'ÿLÿ : Aþ†ÿ Lÿþæ Àÿ þàÿLÿ